ସାତକୋଶିଆ : ଏକ ଦୃଶ୍ୟ କାବ୍ୟ

(ଅରଣ୍ୟ ରାଗ)







ଦିଗନ୍ତ ବିସ୍ତାରୀ ଅଭୟ–ବନାନୀ



ନିଶ୍ଚିନ୍ତେ ଖେଳନ୍ତି କୋଳେ ଜାତି ଜାତି ପ୍ରାଣୀ



ସୁକୋମଳ ପୁଷ୍ପ ହୁଏ ମସ୍ତକର ମଥାମଣି



ସମ୍ମୋହନ ମନ୍ତ୍ର ପଢ଼େ ତା ରାଜକୀୟ ଠାଣି




ସାତ କୋଶ ବ୍ୟାପ୍ତି ତୋର, ସ୍ରୋତରେ ଅଦମ୍ୟ ଉତ୍ସାହ



ନିସର୍ଗ ତରଙ୍ଗେ ରଙ୍ଗେ ମନ ଅହରହ


ମନ ହୁଏ ଚାଲିଚାଲି ଯିବି ଦୂରେ, ବହୁ ଦୂରେ


ହଜିଯିବି ଅରଣ୍ୟର ଆଦିମ ତାଳରେ


କେବେ ଲାଗୁ ଚନ୍ଦ୍ରା


କେବେ ପୁଣି ଉଗ୍ରା


କେବେ ତପସ୍ୱିନୀ


କେବେ ପୁଣି ବିପ୍ଳବିନୀ


ଅପରୂପା, ବହୁରୂପା, ଅନନ୍ୟା


ସ୍ରଷ୍ଟାଙ୍କ ମହା–ନ ସୃଷ୍ଟି ତୁ